# Akashvani, Sambalpur

## SAMBALPURI NEWS EVENING BULLETIN

## 25 April 2025- 7.02 pm- 7.12 pm.

*********************************************

୧- ପେହେଲ୍‌ଗାମ୍ ଆକ୍ରମଣ୍ ଘଟ୍‌ନା ଉତ୍‌ରୁ ସିନ୍ଧୁ ଜଳଚୁକ୍ତିକେ ନେଇକରି ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ନୂଆଦିଲ୍ଲୀ ନ ଚାଲିଛେ ଉଚ୍ଚସ୍ତରୀୟ ବୈଠକ୍ ।

୨- ଅନ୍ତ୍ୟୋଦୟ ଆବାସ୍ ଯୋଜ୍‌ନାଥି ଆଉ ଲାଖେ ହିତାଧିକାରୀଙ୍କୁ କରାଯିବା ସାମିଲ୍- କହେଲେ ପଂଚାୟତିରାଜ୍ ମନ୍ତ୍ରୀ ।

୩- ରାଏଜେ ୪୬ ଟା ନୂଆଁ ଜୁନିଅର୍ ଡିଭିଜନ୍ ସିଭିଲ୍ କୋର୍ଟ ଗଠନ୍ ବାବ୍‌ଦେ ବାହାରିଲା ବିଜ୍ଞପ୍ତି ।

ଆଉର୍

୪- ଆମର୍‌ଠାନୁ ମେଲେରିଆର୍ ଅନ୍ତ ହେବା- ବାର୍ତା ନେଇକରି ଆଏଜ୍ ପାଳନ୍ ହେଉଛେ ବିଶ୍ୱ ମେଲେରିଆ ଦିବସ୍ ।

ପେହେଲ୍‌ଗାମ୍ -ଅମିତ୍ ଶାହା ବୈଠକ୍    ଏନ୍‌ଏସ୍‌ଡି

ପେହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ୍ ଘଟ୍‌ନା ଉତ୍‌ରୁ ସିନ୍ଧୁ ଜଳଚୁକ୍ତିକେ ନେଇକରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କର୍ ଅଧ୍ୟକ୍ଷତାଥି ନୂଆଦିଲ୍ଲୀ ଠାନେ ଇହାଦେ ଉଚ୍ଚସ୍ତରୀୟ ବୈଠକ୍ ଜାରି ରହିଛେ । କେନ୍ଦ୍ର ଜଳଶକ୍ତିମନ୍ତ୍ରୀ ସି.ଆର୍. ପାଟିଲ୍‌ଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ବୈଠକ୍‌ଥି ଯୋଗ୍ ଦେଇଛନ୍ ।

ସେଆଡ଼େ ଆକ୍ରମଣ୍ ଘଟ୍‌ନା ଉତ୍‌ରୁ ସୁରକ୍ଷା ବାବଦ୍ କେନ୍ଦ୍ର କେବିନେଟ୍ କମିଟି ନେଇଥିବା ନିଷ୍ପତି ମାନ୍‌କର୍ ତୁର୍‌ତି ପାଲନ୍ କର୍‌ବାର୍ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ଆଏଜ୍ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ନିଜର୍ ନିଜର୍ ଇଲାକା ନ ରହୁଥିବା ପାକିସ୍ତାନୀ ମାନ୍‌କୁ ତୁର୍‌ତି ତାଙ୍କର୍ ଦେଶ୍‌କେ ଫିର୍‌ବାର୍ ନିର୍ଦ୍ଦେଶ୍ ଦେବାର୍‌କେ ମୁଖ୍ୟମନ୍ତ୍ରୀମାନ୍‌କୁ ସ୍ୱରାଷ୍ଟ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ । ଇତାର୍‌ସହେତେ ପାକିସ୍ତାନୀ ନାଗରିକ୍‌ମାନ୍‌କର୍ ଭିସା ରଦ୍ଦ କର୍‌ବାର୍ ଲାଗି ଭିଲ୍ ସ୍ୱରାଷ୍ଟ୍ରମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ସ୍ଥଳସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଆଏଜ୍ ସଖାଲେ ଜମ୍ମୁ କାଶ୍ମୀର୍ ପୁହୁଁଚିକରି ଶ୍ରୀନଗର୍ ଠାନେ ସୁରକ୍ଷା ଥିତିର୍ ସମୀକ୍ଷା କରିଛନ୍ । କୁପ୍‌ୱାଡ଼ା ଜିଲ୍ଲା ସହେତେ ଜମ୍ମୁ କାଶ୍ମୀର୍‌ର ଭିନ୍ ଭିନ୍ ସୀମା ନ ପାକିସ୍ତାନ୍ ସେନାର୍ ବାର୍‌ବାର୍ ଗୁଲିଗୁଲା ମାଡ଼ ବାବ୍‌ଦେ ଜେନେରାଲ୍ ଦ୍ୱିବେଦୀଙ୍କୁ ସେନା ଅଧିକାରୀମାନେ ସୂଚ୍‌ନା ଦେଇଥିଲେ । ଇତାର୍‌ସହେତେ ଜେନେରାଲ୍ ଦ୍ୱିବେଦୀ -ଜମ୍ମୁ କାଶ୍ମୀର୍ ଉପରାଜ୍ୟପାଲ୍ ମନୋଜ୍

ସିହ୍ନାଙ୍କୁ ଭେଟିକରି ଆକ୍ରମଣ୍ ପରର୍ ଥିତି ବାବ୍ଦେ ଆଲୋଚନା କରିଛନ୍ । ସେଆଢ଼େ ପେହେଲ୍ଗାମ୍ ଆକ୍ରମଣ୍ ଘଟ୍ନାକେ ଜାତୀୟ ମାନବାଧିକାର୍ କମିଶନ ନିନ୍ଦା କରିଛେ ।

ରାଜ୍ଗାର୍ ମେଳା- ପ୍ରଧାନ୍ମନ୍ତ୍ରୀ ପି.ଆଇ.ବି.

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଭିନ୍ ଭିନ୍ ସର୍କାରୀ କାର୍ଯ୍ୟାଲୟଥି ନିଯୁକ୍ତି ପାଇଥିବା ୫୧ ହଜାର୍ ଯୁଆନ୍ ପିଲାଟୁକେଲ୍ ମାନ୍କୁ ନିଯୁକ୍ତିପତ୍ର ବାଂଟ୍ବେ । ନୂଆଦିଲ୍ଲୀ ଠାନେ ହେବାର୍କେ ଥିବା ୧୫ ନମ୍ବର୍ ରୋଜ୍ଗାର୍ ମେଳାଥି ଦେଶର୍ ୪୭ ଟା ଜାଗା ନ ଆଭାସୀ ଜରିଏ ପ୍ରଧାନ୍ମନ୍ତ୍ରୀ ଇ ନିଯୁକ୍ତିପତ୍ର ଦେବେ ।

ମୁଖ୍ୟମନ୍ତ୍ରୀ-ମୁମ୍ବାଇ ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇଣ୍ଡିଆ ଷ୍ଟିଲ-୨୦୨୫ ସମ୍ମିଲନୀଥି ଯୋଗ୍ ଦେବାର୍କେ ମୁମ୍ବାଇ ଯାଇଛନ୍ । ଇଥି ରାଏଜେ ଷ୍ଟିଲ୍ ଉତ୍ପାଦନ୍ ବଢ଼ାବାର୍ ଆଉ କଂଚାମାଲ୍ ଯୋଗାଣ ବଢ଼ାବାର୍ ଉପ୍ରେ ମୁଖ୍ୟମନ୍ତ୍ରୀ ଆଲୋଚନା କର୍ବେ ବଲି ଜନାପଡ଼ିଛେ ।

ଫଂଚାୟତିରାଜ୍‌ମନ୍ତ୍ରୀ-ପାନି ସମସ୍ୟା ହି.ସ.

ରାଏଜେ ଅପର୍‌ବଲ୍ ଖରା ହଉଥିଲା ବେଲ୍‌କେ କେନ୍‌ସି ଭିଲ୍ ଜାଗା ନ ପାନିର୍ ସମସ୍ୟା ସାମ୍ନାକେ ଆସ୍‌ଲେ ୭ ଦିନ୍ ଭିତ୍‌ରେ ସମାଧାନ୍ କରାଯାଉଛେ ବଲି ଫଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ସେ କହିଛନ୍, ଯେନ ପାନିର୍ ସମସ୍ୟା ଦେଖାଦେଲା ଲୁକେ ତୁର୍‌ତି ପ୍ରଶାସନିକ୍ ଅଧିକାରୀମାନ୍‌କୁ ଯୋଗାଯୋଗ୍ କରୁନ୍ । ଖବର୍ ପାଏଲା ଉତ୍‌ରୁ ଅଧିକାରୀମାନେ ୨ ନୁ ୭ ଦିନ୍ ଭିତ୍‌ରେ ସମସ୍ୟାର୍ ସମାଧାନ୍ କର୍‌ବେ । ବଡ଼ ସମସ୍ୟା ଥିଲେ ୭ ଦିନ୍ ଲାଗ୍‌ବା ନାହେଲେ ମରାମତି କାମ୍ ୨ ନୁ ୩ ଦିନ୍ ଭିତ୍‌ରେ କରି ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।
(ଭଏସ୍ ଓଭର୍- ଫଂଚାୟତିରାଜ୍‌ମନ୍ତ୍ରୀ)

ଅନ୍ତ୍ୟୋଦୟ ଆବାସ୍ ଯୋଜ୍‌ନା-ଫଂଚାୟତିରାଜ୍‌ମନ୍ତ୍ରୀ

ଆର୍‌ଏନ୍‌ୟୁ/ କଟକ୍

ଅନ୍ତ୍ୟୋଦୟ ଆବାସ୍ ଯୋଜ୍‌ନାଥି ଆଉ ଲକ୍ଷେ ହିତାଧିକାରୀଙ୍କୁ ସାମିଲ୍ କରାଯିବା ବଲି ଫଂଚାୟତିରାଜ୍ ମନ୍ତ୍ରୀ ରବି

ନାରାୟଣ୍ ନାଏକ୍ କହିଛନ୍ । ଇ ବାବ୍‌ଦେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍, ପହେଲା ଖେପେ ୬୦ ହଜାର୍ ହିତାଧିକାରୀଙ୍କୁ ଯୋଜ୍‌ନାଥି ସାମିଲ୍ କରାଯାଇଥିଲା ବେଲେ ଆଏବା ମାସ୍‌ତକ୍ ଆଉ ଲକ୍ଷେ ହିତାଧିକାରୀଙ୍କୁ ସର୍‌କାର୍ ଘର୍ ଦେବାର୍ ଲକ୍ଷ୍ୟ ରଖିଛନ୍ । ଆଏବା ମାସର୍ ଶେଷ୍‌ତକ୍ ଆବାସ ସର୍ଭେ ସର୍‌ଲା ଉତ୍‌ରୁ ଲୁକ୍‌କୁ ଘର୍ ଦିଆଯିବା । ଏବ୍‌ତକ୍ ୨୯ ଲାଖ୍ ହିତାଧିକାରୀ ସର୍ଭେ ଜରିଏ ଯୋଜ୍‌ନାଥି ସାମିଲ୍ ହେଇଛନ୍ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ଡକ୍ଟର୍ କେ. କସ୍ତୁରୀରଙ୍ଗନ୍ ପରଲୋକ    ଏନ୍‌ଏସ୍‌ଡି

ଇସ୍ରୋର୍ ଆଘର୍ ଅଧ୍ୟକ୍ଷ ଆଉ ଜାତୀୟ ଶିକ୍ଷାନୀତି ପ୍ରସ୍ତୁତି କମିଟିର୍ ମୁଖ୍ୟ ଡକ୍ଟର୍ କେ. କସ୍ତୁରୀରଙ୍ଗନ୍ କରଙ୍କର୍ ଆଏଜ୍ ବେଙ୍ଗାଲୁରୁ ଠାନେ ପରଲୋକ ହେଇଯାଇଛେ । ତାଙ୍କୁ ୮୪ ବଛର୍ ବୟସ୍ ହେଇଥିଲା । ପିଏସ୍‌ଏଲ୍‌ଭି ବନାବାର୍ ଦିଗେ ଡକ୍ଟର୍ କସ୍ତୁରୀରଙ୍ଗନ୍‌ଙ୍କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଭାରତୀୟ ମହାକାଶ୍ ଅଭିଯାନ୍ ଦିଗେ ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ନେଇଥିବା ଡକ୍ଟର୍ କସ୍ତୁରୀରଙ୍ଗନ ୨୦୦୩ ମସିହା ଅଗଷ୍ଟ ୨୭ ତାରିଖ୍ ଇସ୍ରୋର୍ ଅଧ୍ୟକ୍ଷ ପଦ୍‌ନୁ ଅବ୍‌ସର୍ ନେଇଥିଲେ । ୨୦୦୩ ନୁ ୨୦୦୯ ମସିହାତକ୍ ସେ ରାଜ୍ୟସଭା ସଦସ୍ୟ ଥିଲେ ।

ଡକ୍ଟର୍ କସ୍ତୁରୀରଙ୍ଗନ୍‌ଙ୍କର୍ ପରଲୋକ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶୋକପ୍ରକାଶ୍ କରିଛନ୍ ।

ପୋପ୍ ପରଲୋକ- ରାଷ୍ଟ୍ରୀୟ ଶୋକ ପିଆଇବି/ଏକ୍ସ

କ୍ୟାଥଲିକ୍ ଖ୍ରୀଷ୍ଟୀୟ ଧର୍ମଗୁରୁ ପୋପ୍ ଫ୍ରାନ୍‌ସିସ୍‌ଙ୍କର ଅନ୍ତିମ୍ ସହାର୍ ଲାଗି ଆଏବା କାଏଲ୍ ଦିନ୍‌କିଆ ରାଷ୍ଟ୍ରୀୟ ଶୋକ ପାଲନ୍ କରାଯିବା । ପୋପ୍‌ଙ୍କର୍ ଅନ୍ତିମ୍ ସହାର୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍‌କେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଭାଟିକାନ୍ ସିଟି ଯାଇଛନ୍ ।

କ୍ୟାଥଲିକ୍ ଖ୍ରୀଷ୍ଟିଆନ୍ ଧର୍ମଗୁରୁ ପୋପ୍ ଫ୍ରାନ୍‌ସିସ୍‌ଙ୍କର ଗଲା ୨୧ ତାରିଖ୍ ଦିନ ୮୮ ବଛର୍ ବୟସେ ପରଲୋକ ହେଇଥିଲା ।

ସିଭିଲ୍ ଜଜ୍ କୋର୍ଟ ଗଠନ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ୪୬ଟା ନୂଆ ଜୁନିୟର୍ ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟ ଗଠନ୍ ଲାଗି ଆଏଜ୍ ବିଜ୍ଞପ୍ତି ବାହାରିଛେ । ଇ ବାବଦ୍ ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ୍

କରିଛନ୍ । ବିଜ୍ଞପ୍ତି ଅନ୍‌ସାରେ ସମ୍ବଲପୁର ଜିଲ୍ଲା ରେଙ୍ଗାଲି, ବାମରା, କୁଚିଣ୍ଡା ଆଉ ଜମନକିରା, ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା, ଲେଫ୍ରିପଡ଼ା, ବଡ଼ଗାଁ ଆଉ କୁଆଁରମୁଣ୍ଡା, ବଲାଙ୍ଗିର ଜିଲ୍ଲାର ପାଟନାଗଡ଼, ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା, ବରଗଡ଼ ଜିଲ୍ଲା ଭଟଲି, ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ସହେତେ ଭିନ୍ ଭିନ୍ ଜିଲ୍ଲାର ଇ କୋର୍ଟମାନ୍ ସବୁ ଗଠନ୍ କରାଯାଇଛେ । ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସଙ୍ଗେ ପରାମର୍ଶ ଉତ୍‌ରୁ ରାଜ୍ୟ ସରକାର ଇ ନୂଆ କୋର୍ଟମାନ୍‌ଙ୍କର ଗଠନ୍ କରିଛନ୍ ।

## ସୂଚନା ଆୟୁକ୍ତ -ଶପଥ୍ ପାଠ I&PR

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆଏଜ୍ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ମନୋଜ୍ କୁମାର୍ ପରିଡ଼ା, ସୂଚନା ଆୟୁକ୍ତ ପ୍ରାଣବନ୍ଧୁ ଆଚାର୍ଯ୍ୟ, ପବିତ୍ର ମଣ୍ଡଲ୍ ଆର୍ କଳ୍ପନା ପଟ୍ଟନାୟକଙ୍କୁ ଶପଥ୍ ପାଠ୍ କରେଇଛନ୍ । ରାଜ୍ୟ ରାଜ୍‌ଭବନ୍ ଅଭିଷେକ୍ ହଲ୍ ଠାନେ ହେଇଥିବା ଶପଥ୍ ସମାରୋହଥି ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇଥିଲେ ।

ଶିମିଲିପାଲ୍-ମହାବଳ ବାଘ ହି.ସ.

ଶିମିଲିପାଲ୍ ଜାତୀୟ ଉଦ୍ୟାନ୍ ନ ଜିନତ୍ ଆର୍ ଯମୁନାକେ ମିଶେଇକରି ୪୦ ଟା ମହାବଳ ବାଘ ରହିଛନ୍ ବଲି ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରେମ୍ କୁମାର୍ ଝା କହିଛନ୍ । ୪୦ ଟା ମହାବଳ ବାଘ ଭିତ୍ରୁ ୬ ଟା ଛୁଆ, ୧୭ ଟା ମାଈ ବାଘ୍ ଆର୍ ୧୮ ଟା ମହାବଳ ବାଘ୍ ଅଛନ୍ । ଆଏବା ୧୦ ବଛର୍ ଭିତ୍ରେ ମହାବଳ ବାଘଙ୍କର୍ ସଂଖ୍ୟା ଶହେକେ ପୁହୁଁଚାଯିବାର୍ ଲକ୍ଷ୍ୟ ରଖାଯାଇଛେ ବଲି ଶ୍ରୀ ଝା କହିଛନ୍ । ସୂଚ୍ନା ଅନ୍ସାରେ ଶିମିଲିପାଲ୍କେ ଗଲାକାଏଲ୍ ଦେଶର୍ ଶହେ ୭ ନମ୍ବର୍ ଜାତୀୟ ଉଦ୍ୟାନ୍ ଭାବେ ଆନୁଷ୍ଠାନିକ୍ ଭାବେ ଘୋଷ୍ନା କରାଯାଇଛେ । ଭିତର୍କନିକା ଉତ୍ରୁ ଜାତୀୟ ଉଦ୍ୟାନ୍ ମାଏନ୍ତା ପାଏବାର୍ଥି ଶିମିଲିପାଲ୍ ହେଉଛେ ୨ ନମ୍ବର୍ ଜାତୀୟ ଉଦ୍ୟାନ୍ ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍

ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଳିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ବିଶ୍ୱ ମେଲେରିଆ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ମେଲେରିଆକେ ଆଏତ୍ ଆର୍ ଦୂର୍ କର୍‌ବାର୍ ଲାଗି 'ଆମର୍ ଠାନୁ ମେଲେରିଆର୍ ଅନ୍ତ୍ ହେବା:ଇଥିର୍‌ଲାଗି ପୁନଃବିନିଯୋଗ, ପୁନଃଚିନ୍ତନ, ପୁନଃଜାଗରଣ୍ ଜରୁରୀ ଆଏ' ବାର୍ତା ନେଇକରି ଆଏଜ୍ ପାଳନ୍ ହେଉଛେ ବିଶ୍ୱ ମେଲେରିଆ ଦିବସ୍ । ୨୦୦୮ ମସିହାନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଫି ବଛର୍ ଆଝିର୍ ଦିନ୍‌କେ ବିଶ୍ୱ ମେଲେରିଆ ଦିବସ୍ ଭାବେ ପାଳନ୍ କରୁଛେ । ୨୦୩୦ ମସିହା ତକ୍ ଦେଶ୍‌କେ ପୁରା ମେଲେରିଆ

ମୁକ୍ତ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଦୁର୍ଗମ୍ ଇଲାକା ନ ମେଲେରିଆ ନିରାକରଣ୍-ଦମନ୍ କାର୍ଯ୍ୟକ୍ରମ୍ ଜାରି ରଖିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମେଲେରିଆ ରୋଗ୍‌କେ ଶେଷ୍ କର୍‌ବାର୍ ଲାଗି ଆଝିର୍ ଦିନେ ସର୍‌କାର୍ ପ୍ରତିବଦ୍ଧ ବଲି କହିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶ୍ରୀ ମାଝୀ କହିଛନ୍, ବର୍‌କସ୍ ଶାସନ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଢାଂଚା ଆଉ ଜନ ସହଭାଗିତାର୍ ବଲେ ମେଲେରିଆର୍ ପ୍ରଭାବ୍‌କେ ହରେଇ ପାର୍‌ମା ।

ଇ ଅବ୍‌ସରେ କଲାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟସମିତି ତର୍‌ଫୁ ଭବାନୀପାଟ୍‌ନାଠାନେ ହେଇଥିବା ରାଜ୍ୟସ୍ତରୀୟ ସଚେତନତା ଦିବସ୍ କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଭିଡ଼ିଓ କନ୍‌ଫରେନ୍ସି ଜରିଏ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍ ଜରିଏ ସ୍ୱାସ୍ଥ୍ୟମନ୍ତ୍ରୀ ମେଲେରିଆ ମୁକ୍ତ ଓଡ଼ିଶା ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ରାଜ୍ୟବାସୀଙ୍କର୍ ସହଯୋଗ୍ କାମନା କରିଛନ୍ ।

ଆଇନ୍ ସଚେତନତା କାର୍ଯ୍ୟକ୍ରମ୍-ବୌଦ୍ଧ         ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଜିଲ୍ଲାପାଲ୍‌ଙ୍କର୍ ସଦ୍‌ଭାବନା କକ୍ଷ ନ ଆଇନ୍ ସଚେତନତା କାର୍ଯ୍ୟକ୍ରମ୍

ହେଇଯାଇଛେ । ଜିଲ୍ଲା ଦୌରା ଜଜ୍ ପ୍ରତାପ୍ କୁମାର୍ ପାତ୍ର, ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ସହେତେ ବିଚାର୍‌ପତିମାନେ ଯୋଗ୍ ଦେଇକରି କର୍ମକ୍ଷେତ୍ର ନ ମହିଳାମାନ୍‌କର୍ ମର୍ଯ୍ୟାଦା ଆର୍ ଅଧିକାର୍ ସୁନିଶ୍ଚିତ୍ କରୁଥିବା 'ପୋସ୍ ଆଇନ୍ -୨୦୧୩' ଆର୍ 'ଏସ୍.ସି.- ଏସ୍.ଟି ଆଇନ୍' ଉପ୍‌ରେ ସଚେତନ୍ କରିଥିଲେ ।

ରକ୍ତଦାନ୍ ଶିବିର୍-ଦେବ୍‌ଗଡ଼୍          ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଉପନିବନ୍ଧକ ସମବାୟ ସମିତି ସମୂହ ତର୍‌ଫୁ କଣ୍ଢେଇ ପେକ୍ସ ଠାନେ ଅନ୍ତର୍ଜାତୀୟ ସମବାୟ ବଛର୍ ୨୦୨୫ ପାଲନ୍ ଅବ୍‌ସରେ ରକ୍ତଦାନ୍ ଶିବିର୍ ଆୟୋଜିତ ହେଇଛେ । କାର୍ଯ୍ୟକ୍ରମ୍‌ଥି ବାର୍‌କୋଟ୍ ତହସିଲ୍‌ଦାର୍ ରବୀନ୍ଦ୍ର ସାମଲ୍, ଉପନିବନ୍ଧକ ମନିକା ରାୟଙ୍କର୍ ସହେତେ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ପାଣିପାଗ       ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇପାରେ ।

ଇ ସମିଆଥି ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବୌଦ୍ଧ, ବଲାଙ୍ଗିର୍ ସହେତେ ସମୁଦ୍ରଖଁଡ଼ି ଜିଲ୍ଲାମାନ୍‌କେ ଜବର୍ ଖରା ଲାଗି ରହେବା । ୨ ଦିନ୍ ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ଧୁକାଗର୍ଡ଼ି ଆର୍ ବର୍ଷା ଲାଗି ତାତି ୨ ନୁ ୪ ଡିଗ୍ରୀତକ୍ କମ୍‌ବା ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ । ଆଏଜ୍ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ଝାର୍‌ସୁଗୁଡ଼ା ନ ୪୪ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।